# ଜିଲ୍ଲାସ୍ତରୀୟ କମିଟି

## ଦାୟିତ୍ୱ ଓ କ୍ଷମତା

ବସୁନ୍ଧରା,ଭୁବନେଶ୍ୱର ଦ୍ୱାରା ପ୍ରସ୍ତୁତ

# ଜିଲ୍ଲାସ୍ତରୀୟ କମିଟି

- ଜିଲ୍ଲାପାଳ  - ଅଧ୍ୟକ୍ଷ
- ବନଖଣ୍ଡ ଅଧିକାରୀ ବା ଉପବନ-ସଂରକ୍ଷକ
- ଜିଲ୍ଲାପରିଷଦ ଦ୍ୱାରା ମନୋନୀତ ଜିଲ୍ଲାପରିଷଦର ୩ ଜଣ ସଦସ୍ୟ ( ୨ ଜଣ ଆଦିବାସୀ, ତନ୍ ମଧ୍ୟରୁ ୧ ଜଣ ମହିଳା, ଯଦି ଆଦିବାସୀ ନାହାନ୍ତି ତେବେ  ୨ ଜଣ ଅନ୍ୟାନ ପାରମ୍ପାରିକ ବନବାସୀ)
- ଜିଲ୍ଲା ଆଦିବାସୀ କଲ୍ୟାଣ ଅଧିକାରୀ

# ଜିଲ୍ଲାସ୍ତରୀୟ କମିଟିର ଦାୟିତ୍ୱ

- ଗ୍ରାମସଭା ଦ୍ୱାରା ଆବଶ୍ୟକୀୟ ତଥ୍ୟ ଅବା ସୂଚନା ଯେଭଳି ମିଳିପାରିବ ତାହାକୁ ସୁନିଶ୍ଚିତ କରିବା।
- ଆଦିମ ଜନଜାତି ଏବଂ ଯାଯାବର ଜନଜାତି ଗୁଡ଼ିକର ଦାବୀ ଉପସ୍ଥାପିତ ହୋଇଛି କି ନା ଯାଞ୍ଚ କରିବା।
- ଉପଖଣ୍ଡ ସ୍ତରୀୟ କମିଟି ଦ୍ୱାରା ପ୍ରସ୍ତୁତ ଜଙ୍ଗଲ ଅଧିକାର ସମ୍ପର୍କିତ ନଥି ଗୁଡ଼ିକର ବିଚାର ଓ ଅନୁମୋଦନ କରିବା।
- ଉପଖଣ୍ଡ ସ୍ତରୀୟ କମିଟିର ବିବରଣୀ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକ ଅବା ଗୋଷ୍ଠୀର ଆବେଦନର ଶୁଣାଣୀ କରିବା।
- ଆନ୍ତଃ ଜିଲ୍ଲା ମଧ୍ୟରେ ସମନ୍ୱୟ ରକ୍ଷା କରିବା।
- ରାଜ୍ୟସ୍ତରୀୟ କମିଟିକୁ ସର୍ବଶେଷ ପ୍ରସ୍ତାବକୁ ଅନୁମୋଦନ ନିମନ୍ତେ ପଠାଇବା।

# ରାଜ୍ୟସ୍ତରୀୟ କମିଟି

- ମୁଖ୍ୟ ସଚିବ - ଅଧ୍ୟକ୍ଷ
- ସଚିବ, ରାଜସ୍ୱ ବିଭାଗ
- ସଚିବ, ଆଦିବାସୀ କିମ୍ବା ସମାଜ କଲ୍ୟାଣ ବିଭାଗ
- ସଚିବ, ଜଙ୍ଗଲ ବିଭାଗ
- ପ୍ରଧାନ ପ୍ରମୁଖ ବନ ସଂରକ୍ଷକ
- ସଚିବ, ପଞ୍ଚାୟତିରାଜ
- ଜନଜାତି ଉପଦେଷ୍ଟା ପରିଷଦର ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ଜନଜାତି ଉପଦେଷ୍ଟା ପରିଷଦର ୩ଜଣ ଆଦିବାସୀ ସଦସ୍ୟ
- କମିଶନର, ଆଦିବାସୀ କଲ୍ୟାଣ

# ରାଜ୍ୟସ୍ତରୀୟ କମିଟିର ଦାୟିତ୍ୱ

- ଜଙ୍ଗଲ ଅଧିକାର ଗୁଡ଼ିକର ସ୍ୱୀକୃତି ଓ ପ୍ରତ୍ୟାର୍ପଣ ପ୍ରକ୍ରିୟାକୁ କ୍ରିୟାଶୀଳ ତଥା ତଦାରଖ କରିବା ପାଇଁ ମାପକାଠି ବିକାଶ କରିବା।
- ଜଙ୍ଗଲ ଅଧିକାର ଗୁଡ଼ିକର ସ୍ୱୀକୃତି, ସତ୍ୟାସତ୍ୟ ନିରୂପଣ ଏବଂ ପ୍ରତ୍ୟାର୍ପଣ ପ୍ରକ୍ରିୟାର ତଦାରଖ କରିବା।
- ନୋଡ଼ାଲ୍ ଏଜେନ୍ସୀ ନିକଟରେ ଷାଣ୍ମାସିକ ବିବରଣୀ ଦାଖଲ କରିବା।
- ଅଧିକାରୀମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ;
- ନଥିରେ ପରିବର୍ତ୍ତନ ପାଇଁ ପଦକ୍ଷେପ ନେବା।